ଭାରତୀୟ ଜନତା ପାର୍ଟି, ଓଡିଶା

# ପବିତ୍ର ଗୁରୁଦିବସରେ ଧାରଣାସ୍ଥଳକୁ ଯାଇ ଶିକ୍ଷକ ସମାଜକୁ ପ୍ରଣାମ ଜଣାଇଲେ ଅରୁଣ ସିଂହ

- **ଆଜି ଭଳି ପବିତ୍ର ଗୁରୁଦିବସରେ ବର୍ଷାରେ ଓଦା ହୋଇ ଶିକ୍ଷକମାନେ ଆନ୍ଦୋଳନ କରିବା ରାଜ୍ୟ ସରକାରଙ୍କ ପାଇଁ ଲଜ୍ଜାର ବିଷୟ**
- **ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶାସନ କାରଣରୁ ଆଜି ରାଜ୍ୟବାସୀ ରାଜ୍ୟ ସରକାରଙ୍କ ଉପରୁ ଆସ୍ଥା ହରାଇଛନ୍ତି : ଅରୁଣ ସିଂହ**
- **ଅଚଳାବସ୍ଥା ପାଇଁ ରାଜ୍ୟ ସରକାର ସଂପୂର୍ଣ୍ଣ ଦାୟୀ : ଅରୁଣ ସିଂହ**
- **ବିଜେପି ବିଧାୟକମାନେ ଧାରଣାକାରୀ ଶିକ୍ଷକଙ୍କୁ ଭେଟି ସେମାନଙ୍କ ଦାବୀକୁ ଜଣାଇଲେ ସମର୍ଥନ**
- **ଶିକ୍ଷକମାନଙ୍କ ସମସ୍ୟାର ସମାଧାନ ଏବଂ ତାଙ୍କ ନ୍ୟାର୍ଯ୍ୟ ଦାବୀ ପୁରଣ ନହେବା ପର୍ଯ୍ୟନ୍ତ ବିଜେପି ଏହି ପ୍ରସଙ୍ଗକୁ ବିଧାନସଭା ଭିତରେ ଏବଂ ବାହାରେ ରାଜ୍ୟ ସରକାରଙ୍କୁ ଘେରିବ : ରବି ନାଏକ**

**ଭୁବନେଶ୍ୱର, ତା.୦୫/୦୯ :** ଆଜି ପବିତ୍ର ଗୁରୁଦିବସ ଏବଂ ଏହି ଦିବସରେ ଛାତ୍ରଛାତୀମାନେ ନିଜ ନିଜ ଗୁରୁମାନଙ୍କୁ ପୁଜା କରିଥାଆନ୍ତି । ମାତ୍ର ଆଜି ରାଜ୍ୟର ଅଗଣିତ ଶିକ୍ଷକମାନେ ରାଜଧାନୀର ରାଜରାସ୍ତାରେ ପଡି ରହି ରାଜ୍ୟ ସରକାରଙ୍କଠାରୁ ନିଜର ନ୍ୟାର୍ଯ ଦାବୀ ପାଇବା ଆଶାରେ ଆନ୍ଦୋଳନ କରୁଛନ୍ତି । ବିଗତ ଦିନରେ ରାଜ୍ୟ ସରକାର ବାରମ୍ବାର ମିଛ ପ୍ରତିଶୃତି ଦେଇ ଭଙ୍ଗ କରିଥିବା କାରଣରୁ ଶିକ୍ଷକମାନଙ୍କ ରାଜ୍ୟ ସରକାରଙ୍କ ଉପରୁ ବିଶ୍ୱାସ ହରାଇ ବସିଛନ୍ତି । ଦୀର୍ଘ ଦିନର ଦାବୀ ପୁରଣ ନହେବା କାରଣରୁ ଆଜିର ଏହି ପବିତ୍ର ଦିବସକୁ ଶିକ୍ଷକମାନେ କଳାଦିବସ ଭାବେ ପାଳନ କରୁଛନ୍ତି । ଆଜି ଭଳି ପବିତ୍ର ଗୁରୁଦିବସରେ ଶିକ୍ଷକମାନେ ବର୍ଷାରେ ଓଦା ହୋଇ ରାଜରାସ୍ତାରେ ଆନ୍ଦୋଳନ କରିବା ରାଜ୍ୟ ସରକାରଙ୍କ ପାଇଁ ଅତ୍ୟନ୍ତ ଲଜ୍ଜାର ବିଷୟ । ଆଜିର ଏଭଳି ପରିସ୍ଥିତି ପାଇଁ ରାଜ୍ୟ ସରକାର ସଂପୂର୍ଣ୍ଣ ଭାବେ ଦାୟୀ ବୋଲି ବିଜେପି ରାଷ୍ଟ୍ରୀୟ ସାଧାରଣ ସଂପାଦକ ଓ ରାଜ୍ୟ ପ୍ରଭାରୀ ଶ୍ରୀ ଅରୁଣ ସିଂହ ଅଭିଯୋଗ କରିଛନ୍ତି ।

ଶ୍ରୀ ସିଂହ ଆଜି ଭୁବନେଶ୍ୱର ଲୋୟର ପିଏମଜିକୁ ଯାଇ ଆନ୍ଦୋଳନକାରୀ ଶିକ୍ଷକମାନଙ୍କୁ ଭେଟି ଆଲୋଚନା କରିଥିଲେ । ଏହି ଅବସରରେ ଶ୍ରୀ ସିଂହ ସମଗ୍ର ଶିକ୍ଷକ ସମାଜକୁ ପ୍ରଥମେ ପ୍ରଣାମ ଜଣାଇଥିଲେ । ବିଜେପି ସର୍ବଦା ଶିକ୍ଷକମାନଙ୍କୁ ସମ୍ମାନ ଦିଏ । ଦୀର୍ଘ ଦିନ ଧରି ଆନ୍ଦୋଳନକାରୀ ଶିକ୍ଷକମାନଙ୍କ ଏ ସମସ୍ତ ଦାବୀ ଯଥାର୍ଥ ଏବଂ ଏହି ଦାବୀକୁ ଭାରତୀୟ ଜନତା ପାର୍ଟି ପୂର୍ଣ୍ଣ ସମର୍ଥନ କରୁଛି ବୋଲି ଶ୍ରୀ ସିଂହ ଏହି ଅବସରରେ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶାସନ କାରଣରୁ ଆଜି ରାଜ୍ୟବାସୀ ରାଜ୍ୟ ସରକାରଙ୍କ ଉପରୁ ଆସ୍ଥା ହରାଇ ବସିଛନ୍ତି । ଆଜି କେବଳ ଶିକ୍ଷକ ନୁହନ୍ତି, ବରଂ ସରକାରୀ କର୍ମଚାରୀଠୁ ଆରମ୍ଭ କରି ଡାକ୍ତର, ନର୍ସ, ଆଙ୍ଗନବାଡୀ ଓ ଆଶା କର୍ମୀମାନେ ଆଜି ନିଜ ନିଜ ନ୍ୟାର୍ଯ୍ୟ ଓ ବହୁ ପ୍ରତିକ୍ଷିତ ଦାବୀକୁ ନେଇ ରାଜରାସ୍ତାରେ ଆନ୍ଦୋଳନ କରୁଛନ୍ତି । ରାଜ୍ୟରେ ଶିକ୍ଷାଠୁ ଆରମ୍ଭ କରି କୃଷି, ସ୍ୱାସ୍ଥ୍ୟ, ବିଜୁଳି, ସଡକ, ପାନୀୟ ଜଳ ସଂକଟ ଉତ୍କଟ ରୂପ ଧାରଣ କରିସାରିଛି । ରାଜ୍ୟରେ ପରିସ୍ଥିତି ସଂଗୀନ ହୋଇ ପଡିଛି । ମାତ୍ର ସମ୍ବେଦନହୀନ ମୁଖ୍ୟମନ୍ତ୍ରୀ ସେମାନଙ୍କ ଦାବୀକୁ ଉପେକ୍ଷା କରିବା ସହ ସେମାନଙ୍କୁ ବାରମ୍ବାର ଅପମାନିତ କରିବାକୁ ମଧ୍ୟ ପଛାଉନାହାନ୍ତି ବୋଲି ଶ୍ରୀ ସିଂହ କହିଛନ୍ତି ।

ସ୍ଥାଣୁ ପାଲଟି ଯାଇଥିବା ରାଜ୍ୟ ସରକାରଙ୍କ କାରଣରୁ ରାଜ୍ୟର ବିକାଶ ଏବଂ ରାଜ୍ୟବାସୀଙ୍କ ମୌଳିକ ସମସ୍ୟାର ସମାଧାନ ଅସମ୍ଭବ । ବିଜେପି ଶାସନ କ୍ଷମତାକୁ ଆସିଲେ ଏ ସମସ୍ତ ପ୍ରସଙ୍ଗକୁ ଗୁରୁତ୍ୱ ଦେବା ସହ ଏହାର ସ୍ଥାୟୀ ସମାଧାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ତୁରନ୍ତ ଗ୍ରହଣ କରିବ ବୋଲି ଶ୍ରୀ ସିଂହ କହିଛନ୍ତି ।

ଗୋଟିଏ ପଟେ ଶିକ୍ଷକମାନେ ଆନ୍ଦୋଳନ କରୁଥିବାବେଳେ ଅନ୍ୟ ପଟେ ଅଧ୍ୟୟନରତ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଶିକ୍ଷାପ୍ରାପ୍ତିରୁ ବଂଚିତ ହେଉଛନ୍ତି । ଶିକ୍ଷା ବ୍ୟବସ୍ଥା ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ଏଥିରୁ ସ୍ପଷ୍ଟ ଅନୁମାନ କରାଯାଉଛି । ଏହା ଏକ ମୁଖ୍ୟ ଓ ଚିନ୍ତାର ବିଷୟ ହୋଇଥିବା କାରଣରୁ ଆଜି ବିଜେପି ବିଧାୟକମାନେ ବିଧାନସଭାରେ ପ୍ରଶ୍ନକାଳ ସମୟରେ ରାଜ୍ୟ ସରକାରଙ୍କଠାରୁ ଜବାବ୍ ମାଗିଥିଲେ । ଏହା ପରେ ବିଧାୟକ ଶ୍ରୀ ରବି ନାରାୟଣ ନାଏକ ଏବଂ ପ୍ରଦୀପ ପୁରୋହିତ ଧାରଣ ସ୍ଥଳକୁ ଯାଇ ଆନ୍ଦୋଳରତ ଶିକ୍ଷକମାନଙ୍କୁ ଭେଟି ସେମାନଙ୍କ ନ୍ୟାର୍ଯ୍ୟ ଦାବୀ ପ୍ରତି ସମର୍ଥନ ଜଣାଇଥିଲେ । ଏହି ସମସ୍ୟାର ସମାଧାନ ଏବଂ ତାଙ୍କ ନ୍ୟାର୍ଯ୍ୟ ଦାବୀ ପୁରଣ ନହେବା ପର୍ଯ୍ୟନ୍ତ ବିଜେପି ଏହି ପ୍ରସଙ୍ଗକୁ ବିଧାନସଭା ଭିତରେ ଏବଂ ବାହାରେ ରାଜ୍ୟ ସରକାରଙ୍କୁ ଘେରିବ ବୋଲି ବିଧାୟକ ଶ୍ରୀ ନାଏକ କହିଛନ୍ତି ।

**(ବିଜେପି ମିଡିଆ ସେଲ୍)**